ତା୩୦,୧୦.୨୦୨୪,ରିଖ,ବୁଧବାର

ଅପରାହ୍ନ

## କୋରାପୁଟ ମହାବିଦ୍ୟାଳୟରେ ଅନୁଷ୍ଠିତ ହେଲା କେନ୍ଦ୍ର ସାହିତ୍ୟ ଏକାଡେମୀର ସଂପାନ :

# ଏକବିଂଶ ଶତାବ୍ଦୀ ଓଡ଼ିଆ କବିତାର ଭାଷା ଓ ଶୈଳୀ

ବାଲେଶ୍ୱର, ୨୯/୧୦- (କୃଷ୍ଣ କୁମାର ମହାନ୍ତି) କେନ୍ଦ୍ର ସାହିତ୍ୟ ଏକାଡେମୀ ଏବଂ ସରକାରୀ ମହାବିଦ୍ୟାଳୟ କୋରାପୁଟର ମିଳିତ ଆନୁକୂଲ୍ୟରେ କଲେଜ ପରିସରରେ 'ଏକବିଂଶ ଶତାବ୍ଦୀ ଓଡ଼ିଆ କବିତାର ଭାଷା ଓ ଶୈଳୀ' ଶୀର୍ଷକ ଏକ ସଂପାନ ଅନୁଷ୍ଠିତ ହୋଇଯାଇଛି ।



ଏହାକୁ ଆଂଚଳିକ ଶିକ୍ଷା ନିର୍ଦ୍ଦେଶକ, ଜୟପୁର ଡକ୍ଟର ଗୋପାଳ ହାଲଦାର ଉଦଘାଟନ କରିଥିଲେ । ଉଦଘାଟନୀ ଅଧିବେଶନରେ ସଭାପତିତ୍ୱ କରିଥିଲେ ସରକାରୀ ମହାବିଦ୍ୟାଳୟ, କୋରାପୁଟର ଅଧକ୍ଷ ଡକ୍ଟର ଦୀପକ କୁମାର ପଟ୍ଟନାୟକ । ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ କେନ୍ଦ୍ର ସାହିତ୍ୟ ଏକାଡେମୀର ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଡକ୍ଟର ପ୍ରୀତିଧାରା ସାମଲ । ମୂଳ ଭାଷଣ ପ୍ରଦାନ କରିଥିଲେ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ମୁଖ୍ୟ ଡକ୍ଟର ଲୋପାମୁଦ୍ରା ସ୍ୱାଇଁ । ଏହି ଅଧିବେଶନ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଓଡ଼ିଆ ଅଧାପିକା ସୁଜାତା ଷଡ଼ଙ୍ଗୀ ।

ସଂପାନର ପ୍ରଥମ ଅଧିବେଶନରେ ସଭାପତିତ୍ୱ କରିଥିଲେ ପ୍ରଫେସର ବାବାଜୀ ଚରଣ ପଟ୍ଟନାୟକ । ସେ ନିଜ ବକ୍ତବ୍ୟରେ ଏକବିଂଶ ଶତାବ୍ଦୀର ଓଡ଼ିଆ କବିତାର ପରିବର୍ତ୍ତିତ ରୂପ ଓ ସ୍ୱାତନ୍ତ୍ର୍ୟ ଉପରେ ଆଲୋକପାତ କରିଥିଲେ । ଏହି ଅଧିବେଶନରେ ପ୍ରବନ୍ଧ ପାଠ କରିଥିଲେ ଶୈଳବାଳା ସ୍ୱୟଂଶାସିତ ମହାବିଦ୍ୟାଳୟ, କଟକର ଓଡ଼ିଆ ବିଭାଗ ମୁଖ୍ୟ ଡକ୍ଟର ସଂଜିତା ମିଶ୍ର, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୋରାପୁଟର ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ଡକ୍ଟର ଗଣେଶ ପ୍ରସାଦ ସାହୁ ଏବଂ ବିଶିଷ୍ଟ କବି ଚକ୍ରପାଣି ପରିଡ଼ା । ଦ୍ୱିତୀୟ ଅଧିବେଶନର ସଭାମୁଖ୍ୟ ଭାବରେ ଯୋଗ ଦେଇଥିଲେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୋରାପୁଟର ଓଡ଼ିଆ ବିଭାଗ ମୁଖ୍ୟ ଡକ୍ଟର ଆଲୋକ କୁମାର ବରାଳ । ପ୍ରବନ୍ଧ ପାଠ କରିଥିଲେ କବି ରବି ଶତପଥୀ, ଅନୁବାଦକ ବିଜୟ କୁମାର ପ୍ରଧାନ ଏବଂ ଗବେଷକ ଡକ୍ଟର କମଳାକୃଷ୍ଣ ତ୍ରିପାଠୀ । ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଅଧାପକ ପ୍ରଶାନ୍ତ ସାନ୍ତରା । ବକ୍ତାମାନେ ଏକବିଂଶ ଶତାବ୍ଦୀର ଓଡ଼ିଆ କବିତାର ବିଭିନ୍ନ ଦିଗ ଉପରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ । ଏହି ସଂପାନରେ ବହୁ ଲେଖକ ଲେଖିକା ତଥା ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ।